# AP TET – 2018

## PAPER-II (A) -ODIA LANGUAGE

## 18-6-2018 (S1)

1. This developmental stage is called as “Stage of Identity”

    1. Adulthood
    2. Late Childhood
    3. Early Childhood
    4. Adolescence

    ଏହି ବିକାଶ ପର୍ଯ୍ୟାୟକୁ ‘ ପରିଚୟ ପରିତପ୍ତ ପର୍ଯ୍ୟାୟ’ କୁହାଯାଏ

    1. ଯୁବାବସ୍ଥା
    2. ଉତ୍ତର ବାଲ୍ୟାବସ୍ଥା
    3. ଆଦ୍ୟ ବାଲ୍ୟାବସ୍ଥା
    4. କୈଶୋରାବସ୍ଥା

2. Swathi learnt to play carroms with right hand. Now she is able to play with left hand also. – The type of transfer of learning here is

1. Positive Transfer
2. Bilateral Transfer
3. Negative Transfer
4. Zero Transfer

ସ୍ୱାତୀ ଡାହାଣ ହାତରେ କ୍ୟାରମ୍ ଖେଳ ଶିଖିଲା । ବର୍ତ୍ତମାନ ବାମ ହାତରେ ମଧ୍ୟ ଖେଳିପାରୁଛି । ଏଠାରେ ଶିକ୍ଷଣ ସ୍ଥାନାନ୍ତରଣଟି -

1. ସକାରାତ୍ମକ ସ୍ଥାନାନ୍ତରଣ
2. ଦ୍ୱି-ପାକ୍ଷିକ ସ୍ଥାନାନ୍ତରଣ
3. ନକାରାତ୍ମକ ସ୍ଥାନାନ୍ତରଣ
4. ଶୂନ ସ୍ଥାନାନ୍ତରଣ

3. According to this psychologist intelligent people may have intelligent ancestors

1. Galton
2. Watson
3. Boring
4. Woodworth

ଏହି ମନୋବିଜ୍ଞାନୀଙ୍କ ଅନୁସାରେ ବୁଦ୍ଧିମାନ ବ୍ୟକ୍ତିଙ୍କ ପୂର୍ବପୁରୁଷମାନେ ମଧ୍ୟ ବୁଦ୍ଧିମାନ ହୋଇଥିବେ

1. ଗାଲ୍ଟନ୍
2. ୱାଟ୍ସନ୍
3. ବୋରିଙ୍ଗ୍
4. ଉଡ୍ୱାର୍ଥ୍

4. The defence mechanism in which a student who failed in the examination threw away his books

1. Rationalization
2. Reaction formation
3. Displacement
4. Regression

ପରୀକ୍ଷାରେ ଫେଲ୍ ହୋଇଥିବା ଶିକ୍ଷାର୍ଥୀ ନିଜର ବହିପତ୍ରଗୁଡ଼ିକୁ ଫୋପାଡ଼ି ଦେଲା , ଏଠାରେ ଅନୁସୃତ ଆତ୍ମରକ୍ଷା କୌଶଳଟି

1. ଯୌକ୍ତିକତାକରଣ
2. ପ୍ରତିକ୍ରିୟା ଉଦ୍‌ଗମନ
3. ସ୍ଥାନଚ୍ୟୁତି
4. ପଶ୍ଚାତ୍ ଗମନ

5. Beep sound that comes from a car when the driver doesn't wear a seat belt is called

1. Negative Reinforcement
2. Positive Reinforcement
3. Neutral Reinforcement
4. Unconditioned Reinforcement

କାର ଚାଳକ ସିଟ୍ ବେଲଟ୍ ଧାରଣ ନକଲାବେଳେ କାର୍‌ରୁ ଆସିବା ବୀପ୍ ଧ୍ୱନି ଏକ

1. ନକାରାତ୍ମକ ପୁନର୍ବଳନ
2. ସକାରାତ୍ମକ ପୁନର୍ବଳନ
3. ତଟସ୍ଥ ପୁନର୍ବଳନ
4. ଅସର୍ତ୍ତୀୟ ପୁନର୍ବଳନ

6. Which of the following aspect does not contribute to memory

1. Goal behind learning
2. Gender
3. Interesting learning material
4. Taking some rest after learning

ନିମ୍ନରୁ ସ୍ମୃତିର ସହାୟକ ହେଉନଥିବା ଅଂଶଟି

1. ଶିକ୍ଷଣ ପଛରେ ଥିବା ଲକ୍ଷ୍ୟ
2. ଲିଙ୍ଗ
3. ଚିତ୍ତାକର୍ଷକ ଶିକ୍ଷଣ ଉପକରଣ
4. ଶିକ୍ଷଣ ପରେ କିଛି ସମୟ ବିରାମ ନେବା

7. Construction of knowledge is done through experiences – This was stated by

1. Pavlov
2. Bandura
3. Piaget
4. Skinner

ଅନୁଭୂତି ଦ୍ୱାରା ଜ୍ଞାନ ନିର୍ମାଣ ଘଟିଥାଏ ବୋଲି କହିଥିବା ବ୍ୟକ୍ତି

1. ପାଓ୍ୱଲୋଭ୍
2. ବାନ୍ଦୁରା
3. ପିଆଜେ
4. ସ୍କିନର୍

8. Prasanthi prepared for Sociology examination first and then for Psychology. While taking Sociology examination she got confused due to recollection of psychological theories – This is due to

1. Pro active inhibition
2. Retro active inhibition
3. Decay of memory traces
4. Lack of interest in Sociology

ପ୍ରଶାନ୍ତୀ ପ୍ରଥମେ ସାମାଜିକ ବିଜ୍ଞାନ ପରୀକ୍ଷା ପାଇଁ ପଢ଼ି ପରେ ମନୋବିଜ୍ଞାନ ପଢ଼ିଲା । ସାମାଜିକ ବିଜ୍ଞାନ ପରୀକ୍ଷା ଲେଖିଲାବେଳେ ମନୋବିଜ୍ଞାନର ତତ୍ତ୍ୱଗୁଡ଼ିକ ମନେପଡ଼ିବା ଫଳରେ ଗୋଳମାଳର ଶିକାର ହେଲା । ଏହାର କାରଣ

1. ଅନୁଘାତ ଜନିତ ବାଧା
2. ପ୍ରତିଘାତ ଜନିତ ବାଧା
3. ସ୍ମୃତି ଚିହ୍ନ କ୍ଷୟ
4. ସାମାଜିକ ବିଜ୍ଞାନ ପ୍ରତି ଆଗ୍ରହ ନଥିବା

9. Shaping is an important mechanism in this learning theory.

1. Classical Conditioning
2. Operant Conditioning
3. Insightful Learning
4. Trial and Error Learning

ଏହି ଶିକ୍ଷଣ ତତ୍ତ୍ୱରେ ଆକୃତି କରଣ ଏକ ମୁଖ୍ୟ ଯାନ୍ତ୍ରିକ ପ୍ରକ୍ରିୟା

1. ଶାସ୍ତ୍ରୀୟ ଅନୁବନ୍ଧିତ କ୍ରିୟା
2. ଯାନ୍ତ୍ରିକ ଅନୁବନ୍ଧିତ କ୍ରିୟା
3. ଅନ୍ତର୍ଦୃଷ୍ଟି ଶିକ୍ଷଣ
4. ପ୍ରଯତ୍ନ – ପ୍ରମାଦ ଶିକ୍ଷଣ

10. The correct learning sequence in observational learning is

1. Reinforcement → Attention → Retention → Performance
2. Attention → Retention → Performance → Reinforcement
3. Performance → Reinforcement → Attention → Retention
4. Retention → Reinforcement → Attention → Performance

ପର୍ଯ୍ୟବେକ୍ଷଣ ଶିକ୍ଷଣର ସଂଘଟିତ ସଠିକ୍ ଶିକ୍ଷଣ କ୍ରମଟି

1. ପୁନର୍ବଳନ → ଅଭିନିବେଶ → ଧାରଣ → କୃତି
2. ଅଭିନିବେଶ → ଧାରଣ → କୃତି → ପୁନର୍ବଳନ
3. କୃତି → ପୁନର୍ବଳନ → ଅଭିନିବେଶ → ଧାରଣ
4. ଧାରଣ → ପୁନର୍ବଳନ → ଅଭିନିବେଶ → କୃତି

11. Process of transformation of a person who born as a living organism into human being is

1. Mental Development
2. Moral Development
3. Social Development
4. Emotional Development

ଜୈବିକ ଏକକ ରୂପେ ଜନ୍ମନେଇଥିବା ବ୍ୟକ୍ତି ମାନବ ରୂପେ ପରିବର୍ତ୍ତନ ଘଟିବା ପ୍ରକ୍ରିୟା

1. ମାନସିକ ବିକାଶ
2. ନୈତିକ ବିକାଶ
3. ସାମାଜିକ ବିକାଶ
4. ଆବେଗିକ ବିକାଶ

12. The main aim of Continuous Comprehensive Evaluation is

1. To evaluate every aspect of the student
2. To evaluate scholastic abilities of students
3. To evaluate the progress of a student in curricular areas
4. To evaluate the progress of the students in co-curricular areas

ନିରବଚ୍ଛିନ୍ନ ସଂବ୍ୟାପକ ମୂଲ୍ୟାୟନର ମୁଖ୍ୟ ଲକ୍ଷ୍ୟ

1. ଶିକ୍ଷାର୍ଥୀ ସଂପର୍କିତ ପ୍ରତ୍ୟେକ ବିଷୟର ମୂଲ୍ୟାୟନ କରିବା
2. ଶିକ୍ଷାର୍ଥୀଙ୍କ ଶିକ୍ଷା ଭିତ୍ତିକ ସାମର୍ଥ୍ୟଗୁଡ଼ିକୁ ମୂଲ୍ୟାୟନ କରିବା
3. ବିଦ୍ୟାଳୟରେ ଶିକ୍ଷାର୍ଥୀଙ୍କ ପ୍ରଗତିକୁ ମୂଲ୍ୟାୟନ କରିବା
4. ସହ ପାଠ୍ୟାଂଶଗୁଡ଼ିକରେ ଶିକ୍ଷାର୍ଥୀଙ୍କ ପ୍ରଗତିକୁ ମୂଲ୍ୟାୟନ କରିବା

13. Lowest level and foremost objective in Psychomotor Domain is

1. Imitation
2. Precision
3. Naturalization
4. Manipulation

କ୍ରିୟାତ୍ମକ ପରିସରର ନିମ୍ନ ସ୍ତର ଏବଂ ସର୍ବ ପ୍ରଥମ ଉଦ୍ଦେଶ୍ୟଟି

1. ଅନୁକରଣ
2. ସ୍ପଷ୍ଟତା
3. ସ୍ୱଭାବୀକରଣ
4. ହସ୍ତ କୌଶଳ

14. A child without proper mental development laggs behind in his social development also – The Development principle here is

1. Development is the process of interaction
2. Developments proceed with interrelation
3. Development proceeds from general to specific
4. Development is cumulative

ସଠିକ୍ ଭାବେ ମାନସିକ ବିକାଶ ଘଟିନଥିବା ପିଲାଟି ସାମାଜିକ ବିକାଶରେ ମଧ୍ୟ ପଛୁଆ ହୋଇରହିଥାଏ । ଏଥି ସହ ସମ୍ପର୍କିତ ବିକାଶର ନିୟମଟି -

1. ବିକାଶ ଏକ ପାରସ୍ପରିକ ପ୍ରକ୍ରିୟା
2. ବିକାଶ ପରସ୍ପର ସମ୍ପର୍କ ରକ୍ଷାକରି ଗତି କରିଥାଏ
3. ବିକାଶ ସାଧାରଣରୁ ନିର୍ଦ୍ଦିଷ୍ଟ ଆଡ଼କୁ ଗତି କରିଥାଏ
4. ବିକାଶ କ୍ରମ ବର୍ଦ୍ଧିଷ୍ଣୁ

15. According to RTE Act – 2009, in Primary schools if the strength of the students is above 200, the teacher pupil ratio excluding Headmaster shall not exceed

ଶିକ୍ଷା ଅଧିକାର ଆଇନ -2009 ଅନୁସାରେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାର୍ଥୀଙ୍କ ସଂଖ୍ୟା 200 ରୁ ଉର୍ଦ୍ଧ୍ୱ ଥିଲେ , ପ୍ରଧାନ ଶିକ୍ଷକଙ୍କୁ ବାଦ୍ ଦେଇ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ଅନୁପାତ ଏହାଠୁ ଅଧିକ ହେବା ଅନୁଚିତ ।

1. 1 : 30
2. 1 : 35
3. 1 : 50
4. 1 : 40

16. The approach proposed by Carl Rogers to understand human relations and personality is

1. Subject centered approach
2. Nature centered approach
3. Person centered approach
4. Relation centered approach

ମାନବ ସମ୍ପର୍କ ଓ ବ୍ୟକ୍ତିତ୍ୱକୁ ଅବଗତ ହେବା ପାଇଁ କାର୍ଲ ରୋଜାର୍ସ୍ ପ୍ରତିପାଦନ କରିଥିବା ପ୍ରଣାଳୀଟି

1. ବିଷୟ କୈନ୍ଦ୍ରିକ ପ୍ରଣାଳୀ
2. ପ୍ରକୃତି କୈନ୍ଦ୍ରିକ ପ୍ରଣାଳୀ
3. ବ୍ୟକ୍ତି କୈନ୍ଦ୍ରିକ ପ୍ରଣାଳୀ
4. ସମ୍ପର୍କ କୈନ୍ଦ୍ରିକ ପ୍ରଣାଳୀ

17. All children have done their project work because, the teacher announced a reward for those who have done their project work – The type of motivation here is

1. Achievement Motivation
2. Extrinsic Motivation
3. Intrinsic Motivation
4. Individual Motivation

ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ କରିବା ପିଲାମାନଙ୍କୁ ଶିକ୍ଷକ ପୁରସ୍କାର ଦେବେ ବୋଲି କହିବାପରେ ସମସ୍ତ ପିଲା ପ୍ରକଳ୍ପ କାର୍ଯ୍ୟ କରିଆସିଲେ । ଏଠାରେ ଉପୁଜିବା ଅଭିପ୍ରେରଣା ରକମ

1. କୃତିତ୍ୱ ଅଭିପ୍ରେରଣା
2. ବହିର୍ନିବେଶୀ ଅଭିପ୍ରେରଣା
3. ଅନ୍ତର୍ନିବେଶୀ ଅଭିପ୍ରେରଣା
4. ବ୍ୟକ୍ତିଗତ ଅଭିପ୍ରେରଣା

18. The type of teaching model in which specially trained teacher helps the differentially abled students by going from one school to another.

1. Alternative school model
2. Resource model
3. Dual teaching model
4. Itinerant teaching model

ସ୍ୱତନ୍ତ୍ର ତାଲିମ ପାଇଥିବା ଶିକ୍ଷକଟି ଏକ ବିଦ୍ୟାଳୟରୁ ଅନ୍ୟ ଏକ ବିଦ୍ୟାଳୟକୁ ଗଲାବେଳେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ଶିକ୍ଷଣ ଦେବାରେ ସହାୟକ ହେଉଥିବା ସମୀକୃତ ଶିକ୍ଷା ନମୁନାଟି

1. ବିକଳ୍ପ ବିଦ୍ୟାଳୟ ନମୁନା
2. ସମ୍ବଳ ନମୁନା
3. ଦ୍ୱି – ଶିକ୍ଷାଦାନ ନମୁନା
4. ଭ୍ରାମ୍ୟ ଶିକ୍ଷାଦାନ ନମୁନା

19. Meier – Seashore Art judgment test is used to measure

1. Aesthetic Aptitudes
2. Scholastic Aptitudes
3. Vocational Aptitudes
4. General Aptitudes

‘ ମେୟୀର – ସୀ ସୋର ଆର୍ଟ ଜଡ୍‌ଜମେଣ୍ଟ୍ ଟେଷ୍ଟ ’ ଟି ଏହାକୁ ମାପନ କରିବା ପାଇଁ ବ୍ୟବହାର କରାଯାଏ ।

1. ସୌନ୍ଦର୍ଯ୍ୟ ବୋଧ ପ୍ରବୃତ୍ତି
2. ଶିକ୍ଷା ସଂପର୍କିତ ପ୍ରବୃତ୍ତି
3. ଧନ୍ଦାମୂଳକ ପ୍ରବୃତ୍ତି
4. ସାଧାରଣ ପ୍ରବୃତ୍ତି

20. The understanding of a person about himself and the qualities possessed by him is called

1. Self Skill
2. Self Respect
3. Self Concept
4. Self Attitude

ଏକ ବ୍ୟକ୍ତିର ନିଜ ସଂପର୍କରେ ଓ ନିଜଠାରେ ଥିବା ଲକ୍ଷଣ ସଂପର୍କିତ ଅବବୋଧକୁ ଏହା କୁହାଯାଏ

1. ସ୍ୱୀୟ କୌଶଳ
2. ସ୍ୱୀୟ ଗୌରବ
3. ସ୍ୱୀୟ ଧାରଣା
4. ସ୍ୱୀୟ ମନୋବୃତ୍ତି

21. Physical factor that affects learners learning is

1. Interest
2. Attitude
3. Intelligence
4. Maturity

ଶିକ୍ଷାର୍ଥୀର ଶିକ୍ଷଣକୁ ପ୍ରଭାବ ପକାଉଥିବା ଶାରୀରିକ କାରକ

1. ଆଗ୍ରହ
2. ମନୋବୃତ୍ତି
3. ବୁଦ୍ଧି
4. ପରିପକ୍ୱନ

22. The learners who learn through reasoning and questioning are

1. Mastery style learners
2. Understanding learners
3. Self expressive learners
4. Interpersonal learners

ତର୍କ କରିବା ଏବଂ ପ୍ରଶ୍ନ ପଚାରିବା ଦ୍ୱାରା ଶିଖୁଥିବା ଶିକ୍ଷାର୍ଥୀଟି

1. ଧୁରୀଣ ଶୈଳୀ ଶିକ୍ଷାର୍ଥୀ
2. ଅବବୋଧ କରିପାରୁଥିବା ଶିକ୍ଷାର୍ଥୀ
3. ସ୍ୱୀୟ ବ୍ୟକ୍ତୀକରଣ ଶିକ୍ଷାର୍ଥୀ
4. ଅନ୍ତର ବ୍ୟକ୍ତିତ୍ୱ ଶିକ୍ଷାର୍ଥୀ

23. Unexpected reappearance of an extinguished conditional response after a rest period is called

1. Discrimination
2. Extinction
3. Insight
4. Spontaneous Recovery

ସ୍ଥଗିତ ହୋଇଥିବା ଅନୁବନ୍ଧିତ ପ୍ରତିକ୍ରିୟାଗୁଡ଼ିକ କିଛି ସମୟ ବିରାମ ପରେ ଅପ୍ରତ୍ୟାଶିତ ଭାବେ ଆସିବାକୁ ଏପରି କୁହାଯାଏ

1. ବିବେଚନା
2. ବିଲୁପ୍ତୀକରଣ
3. ଅନ୍ତଃର୍ଦୃଷ୍ଟି
4. ସ୍ୱତଃସ୍ଫୁର୍ତ୍ତ ପୁନଃଲାଭ

24. A Psychology lecturer acquainting his B.Ed. students about the employment opportunities for them after the completion of the course is called

1. Educational Guidance
2. Personal Guidance
3. Vocational Guidance
4. Group Guidance

ମନୋବିଜ୍ଞାନ ଅଧ୍ୟାପକ ଜଣକ ନିଜର ବି.ଏଡ୍. ଶିକ୍ଷାର୍ଥୀଙ୍କୁ ସେମାନଙ୍କର କୋର୍ସ୍ (ପାଠ୍ୟ) ସରିବା ପରେ ସେମାନଙ୍କୁ ଥିବା ନିଯୁକ୍ତି ସୁବିଧାର ବିବରଣୀ ପ୍ରଦାନ କରିବା – ଏହା ହେଉଛି

1. ଶିକ୍ଷା ସମ୍ବନ୍ଧୀୟ ମାର୍ଗଦର୍ଶନ
2. ବ୍ୟକ୍ତିଗତ ମାର୍ଗଦର୍ଶନ
3. ଧନ୍ଦାମୂଳକ ମାର୍ଗଦର୍ଶନ
4. ଦଳଗତ ମାର୍ଗଦର୍ଶନ

25. These play a vital role in 'learning to learn' skills

1. Intelligence, Aptitude
2. Interest, Attitude
3. Motivation, Self confidence
4. Creativity, Learning

ଏଗୁଡ଼ିକ ଶିକ୍ଷଣ କୌଶଳଗୁଡ଼ିକୁ ଶିଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ

1. ବୁଦ୍ଧି , ପ୍ରବୃତ୍ତି
2. ଆଗ୍ରହ , ମନୋବୃତ୍ତି
3. ଅଭିପ୍ରେରଣ , ଆତ୍ମବିଶ୍ୱାସ
4. ସୃଜନଶୀଳନ , ଶିକ୍ଷଣ

26. According to Erickson, virtue called 'Hope' is developed in this psycho-social critical situation

1. Trust Vs Mistrust
2. Autonomy Vs Shame and Doubt
3. Initiative Vs Guilt
4. Intimacy Vs Isolation

ଏରିକ୍‌ସନ୍‌ଙ୍କ ଅନୁସାରେ 'ଆଶା' (Hope) ସଦ୍‌ଗୁଣଟି ବିକାଶ ଘଟୁଥିବା ମନୋ-ସାମାଜିକ ସଙ୍କଟାପନ୍ନ ଅବସ୍ଥା

1. ବିଶ୍ୱାସ Vs ଅବିଶ୍ୱାସ
2. ସ୍ୱୟଂଶାସିତ Vs ଲଜ୍ଜା , ସନ୍ଦେହ
3. ସ୍ୱତଃ ପ୍ରେରଣା Vs ଅପରାଧ ମନୋଭାବ
4. ଅନ୍ତରଙ୍ଗତା Vs ଏକାନ୍ତ ( ନିଃସଙ୍ଗ )

27. One of the following is the limitation of observation method

1. Study of the behaviour of students directly
2. Recording of previously decided behavioural aspects
3. Assessing the behaviour, based on external behaviour only
4. Study of the behaviour of animals and mental patients

ନିମ୍ନରୁ ପର୍ଯ୍ୟବେକ୍ଷଣ ପଦ୍ଧତିର ପରିମିତିଟି

1. ଶିକ୍ଷାର୍ଥୀଙ୍କ ଆଚରଣକୁ ପ୍ରତ୍ୟକ୍ଷଭାବେ ଅଧ୍ୟୟନ କରିବା
2. ପୂର୍ବ ନିର୍ଦ୍ଧାରିତ ଆଚରଣ ଅଂଶଗୁଡ଼ିକୁ ନମୋଦ କରିବା
3. କେବଳ ବାହ୍ୟ ଆଚରଣକୁ ଭିତ୍ତି କରି ଆଚରଣକୁ କଳନା କରିବା
4. ପ୍ରାଣୀ , ମାନସିକ ରୋଗୀଙ୍କ ଆଚରଣକୁ ଅଧ୍ୟୟନ କରିବା

28. According to Jones, Ruthstrong, help extended by others to a person to assist himself is

1. Guidance
2. Counselling
3. Social Scaffolding
4. Instructional Scaffolding

ଜୋନ୍ସ , ରୁଥ୍‌ଷ୍ଟ୍ରଙ୍ଗ୍‌ଙ୍କ ଅନୁସାରେ ବ୍ୟକ୍ତିଟି ନିଜକୁ ନିଜେ ସହାୟତା କରିପାରିବାଭଳି ଅନ୍ୟମାନେ ଯୋଗାଉଥିବା ସାହାଯ୍ୟ

1. ମାର୍ଗଦର୍ଶନ
2. ଉପଦେଶନ
3. ସାମାଜିକ ସ୍କାଫୋଲ୍‌ଡ଼ିଙ୍ଗ୍
4. ଇନ୍‌ଷ୍ଟ୍ରକ୍‌ସନାଲ୍ ସ୍କାଫୋଲ୍‌ଡ଼ିଙ୍ଗ୍

29. The learning in which learners depend on one another and also accountable to each other is

1. Inquiry based learning
2. Co-operative learning
3. Differentiated learning
4. Collaborative learning

ଶିକ୍ଷାର୍ଥୀମାନେ ପରସ୍ପର ଉପରେ ନିର୍ଭର ହୋଇ , ପରସ୍ପର ଉତ୍ତରଦାୟୀ ଭାବେ ରହୁଥିବା ଶିକ୍ଷଣଟି

1. ଅନୁସନ୍ଧାନ ଭିତ୍ତିକ ଶିକ୍ଷଣ
2. ସହକାରାତ୍ମକ ଶିକ୍ଷଣ(ସହକାରାତ୍ମକ ଶିକ୍ଷଣ)
3. ପ୍ରଭେଦାତ୍ମକ ଶିକ୍ଷଣ
4. ସହଯୋଗୀ ଶିକ୍ଷଣ

30. Characteristic feature of pupil centered learning is

1. Prominence to acquire knowledge
2. Classroom is silent
3. Students express their ideas freely
4. Evaluation is done by the teacher only

ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷଣର ଲକ୍ଷଣ

1. ଜ୍ଞାନ ଅର୍ଜନ ପାଇଁ ପ୍ରାଧାନ୍ୟତା
2. ଶ୍ରେଣୀଗୃହ ନୀରବ ଭାବେ ରହିବା
3. ଶିକ୍ଷାର୍ଥୀମାନେ ସ୍ୱେଚ୍ଛାକୃତ ଭାବେ ଭାବ ପ୍ରକାଶ କରିବା
4. କେବଳ ଶିକ୍ଷକ ହିଁ ମୂଲ୍ୟାଙ୍କନ କରିପାରିବା

31. " ବଶିଷ୍ଠ ଓ ବିଶ୍ୱାମିତ୍ର " କବିତାର କବି -

1. ପଠାଣି ପଟ୍ଟନାୟକ
2. ଅନନ୍ତ ପଟ୍ଟନାୟକ
3. ଗୋପାଳକୃଷ୍ଣ ପଟ୍ଟନାୟକ
4. ପଦ୍ମଚରଣ ପଟ୍ଟନାୟକ

32. ' ରୋଗୀସେବା ' ପାଠ୍ୟାଂଶଟି ଏହି ପୁସ୍ତକରୁ ସଂଗୃହୀତ -

1. ମୋ ଜୀବନ ସଂଗ୍ରାମ
2. ଜୀବନ ପଥେ
3. କୁମ୍ଭାର ଚକ
4. ଗାନ୍ଧି ମହାରାଜାଙ୍କ ଶିଷ୍ୟ

33. ବରଗଡ଼ ଜିଲ୍ଲା ବରପାଲି ଗ୍ରାମରେ ଜନ୍ମଲାଭ କରିଥିବା କବି -

1. ଫକୀର ମୋହନ ସେନାପତି
2. ମଧୁସୂଦନ ରାଓ
3. ଗଙ୍ଗାଧର ମେହେର
4. ନୀଳକଣ୍ଠ ଦାସ

34. ଗୋପବନ୍ଧୁ ଦାସ ଏହି ଉପାଧିରେ ଭୂଷିତ

1. ଉତ୍କଳ କେଶରୀ
2. ଉତ୍କଳମଣି
3. ଉତ୍କଳ ସିଂହ
4. ଉତ୍କଳ ପୁତ୍ର

35. ମଧୁବାବୁଙ୍କ ମହାନତାର କଥା ଏହି ପ୍ରବନ୍ଧରେ ବର୍ଣ୍ଣନା କରାଯାଇଛି -

1. ହଜିଲା ଦିନର କଥା
2. ଭାରତର ବୁଲ୍‌ବୁଲ୍
3. ଯେ ଥାଏ ପର ଉପକାରେ
4. ଉତ୍କଳ ପୁତ୍ର ପ୍ୟାରୀମୋହନ

36. ' ଟିକି ଫୁଲଟିର ବାସ ' କବିତାରେ ଏହିକଥା କୁହାଯାଇଛି -

1. ଟିକିଟିକି ଫୁଲ ବିଷୟରେ
2. ଟିକି ଗୋଲାପ ଫୁଲ ବିଷୟରେ
3. ଟିକି ଫୁଲଟିର ମହତ୍ତ୍ୱ ବିଷୟରେ
4. ଟିକି ଫୁଲଟିର ଦୁଃଖ ବିଷୟରେ

37. ‘ ସୁନା ନେଉଳ ’ ଏକ -

1. ଗଳ୍ପ
2. ଏକାଙ୍କିକା
3. ପ୍ରବନ୍ଧ
4. ପଦ୍ୟ

38. ପଲ୍ଲିଶ୍ରୀ , ବାଜିରାଉତ , ପାଣ୍ଡୁଲିପି , ମାଟିର ତାଜ – ଏସବୁ ଅମ୍ଲାନ କୃତିର ସ୍ରଷ୍ଟା -

1. ଅନ୍ନଦା ଶଙ୍କର ରାୟ
2. ରାଧାନାଥ ରାୟ
3. ଗୋପାଳଚନ୍ଦ୍ର ଛୋଟରାୟ
4. ସଚ୍ଚିଦାନନ୍ଦ ରାଉତରାୟ

39. ‘ ପାରାବାର ’ ଶବ୍ଦଟିର ଅର୍ଥ -

1. ଝରଣା
2. ସମୁଦ୍ର
3. ନଦୀ
4. ହ୍ରଦ

40. ‘ ପୃଥିବୀ ’ର ପ୍ରତିଶବ୍ଦ -

1. ପୂତି
2. ଧୃତି
3. କ୍ଷିତି
4. ଯତି

41. ' ସାପ – ଶାପ ', - ଏହି ସମୋଚ୍ଚାରିତ ଶବ୍ଦଦୁଇଟିର ଅର୍ଥ ଯଥାକ୍ରମେ -

1. ଅହି - ଆଶୀର୍ବାଦ
2. ଅଭିଶାପ - ଆଶୀର୍ବାଦ
3. ମନ୍ଦ - ଚକ୍ଷୁଶ୍ରବା
4. ସର୍ପ - ଅଭିଶାପ

42. ' ଗୁରୁ ' ଶବ୍ଦଟିର ଭିନ୍ନାର୍ଥ -

1. ବାର , ଧର୍ମ
2. ଶିକ୍ଷକ , ଶ୍ରେଷ୍ଠ
3. ଗୁଣନ , ଗାଲ
4. ଆକାଶ , ବସ୍ତ୍ର

43. ଟାଣପଣ , ରାଜପଣ , ଷୋଳପଣ , ବଡ଼ପଣ – ଏଥିରୁ ଭିନ୍ନ ଜାତୀୟ ଶବ୍ଦଟିକୁ ଚିହ୍ନଟ କର ।

1. ରାଜପଣ
2. ଟାଣପଣ
3. ବଡ଼ପଣ
4. ଷୋଳପଣ

44. ' ଯାହାକୁ ଛେଦନ କରିହେବ ନାହିଁ ' - ଏହାକୁ ଏକ ପଦରେ ପ୍ରକାଶ କଲେ

1. ବିଚ୍ଛେଦ
2. ଅଛେଦ୍ୟ
3. ଆଚ୍ଛାଦନ
4. ଅବିଚ୍ଛେଦ୍ୟ

45. ‘ ମୁକ୍ତି ’ ଶବ୍ଦଟିର ବିପରୀତାର୍ଥ -

1. ବନ୍ଧନ
2. ମୋଚନ
3. ନିର୍ବାଣ
4. ମୋକ୍ଷ

46. ଅତିକ୍ରମୀ , ଅତିକ୍ରମି , ଅତୀକ୍ରମି ,ଅତୀକ୍ରମୀ – ଏଥିରୁ ଶୁଦ୍ଧ ଶବ୍ଦଟି

1. ଅତୀକ୍ରମି
2. ଅତିକ୍ରମି
3. ଅତୀକ୍ରମୀ
4. ଅତିକ୍ରମୀ

47. ‘ ମାନବ ’, ଏହି ଶବ୍ଦଟିର ପୁରୁଷ ଓ ବଚନ ଚିହ୍ନଟ କର -

1. ତୃତୀୟ ପୁରୁଷ , ବହୁବଚନ
2. ଦ୍ୱିତୀୟ ପୁରୁଷ , ଏକବଚନ
3. ତୃତୀୟ ପୁରୁଷ , ଏକ ବଚନ
4. ଦ୍ୱିତୀୟ ପୁରୁଷ , ବହୁବଚନ

48. ନିମ୍ନୋକ୍ତ ଶବ୍ଦ ମଧ୍ୟରୁ ‘ ତଦ୍‌ଭବ ’ ଶବ୍ଦଟି ଚିହ୍ନଟ କର -

1. ଜନ୍ତାଳ
2. ଗାଈ
3. ଆରିସା
4. ଅରମା

49. ବିଶେଷଣକୁ ନିମ୍ନୋକ୍ତ ଭାଗରେ ବିଭକ୍ତ କରାଯାଇଛି -

1. ପାଞ୍ଚଭାଗ
2. ଚାରି ଭାଗ
3. ସାତ ଭାଗ
4. ଛଅଭାଗ

50. ' ନିର୍ଦ୍ଦୋଷ ', ଏହାକୁ ସନ୍ଧି ବିଚ୍ଛେଦ କଲେ -

1. ନିଃ + ଦୋଷ
2. ନି + ଦୋଷ
3. ନିର୍ + ଦୋଷ
4. ନି + ର୍ଦ୍ଦୋଷ

51. ପରସ୍ପର ସମ୍ବନ୍ଧ ଥିବା ଦୁଇ ବା ତତୋଧିକ ପଦକୁ ଏକ ପଦରେ ପରିଣତ କରିବାକୁ ଏହା କୁହାଯାଏ -

1. ସନ୍ଧି
2. ବାକ୍ୟ ସଂକ୍ଷେପଣ
3. ସମାସ
4. ଅବ୍ୟୟ

52. ଉତ୍କଳ – କମଳା – ବିଳାସ - ଦୀର୍ଘିକା
ମରାଳ – ମାଳିନୀ – ନୀଳାମ୍ବୁ – ଚିଲିକା ।
ପଦ୍ୟାଂଶଟି ଏହି ଛନ୍ଦର ଉଦାହରଣ -

1. ବଙ୍ଗଳାଶ୍ରୀ
2. ନଟବାଣୀ
3. ଭାଗବତ ବାଣୀ
4. ରାମକେରୀ

53. ଭିନ୍ନାର୍ଥ ବୋଧକ ଏକ ପ୍ରକାର ଶବ୍ଦର ବାରମ୍ବାର ଆବୃତ୍ତିକୁ ଏହି ଅଳଙ୍କାର କୁହାଯାଏ ।

1. ଉତ୍ପ୍ରେକ୍ଷ
2. ଶ୍ଳେଷ
3. ଅନୁପ୍ରାସ
4. ଯମକ

54. ନିମ୍ନୋକ୍ତ ମଧ୍ୟରୁ ଏହା ଏକ ଅର୍ଥାଳଙ୍କାର -

1. ଯମକ
2. ରୂପକ
3. ଶ୍ଳେଷ
4. ଅନୁପ୍ରାସ

55. ନିମ୍ନୋକ୍ତ ମଧ୍ୟରୁ ସରଳ ବାକ୍ୟଟି ଚିହ୍ନଟ କର -

1. ଆମ ଦୀର୍ଘ ଦିନର ସ୍ୱପ୍ନ ସାର୍ଥକ ହେଲା ଓ ଶେଷରେ ଭାରତ ସ୍ୱାଧୀନତା ଲାଭ କଲା ।
2. ଯେଉଁମାନେ ଅନ୍ୟକୁ ସାହାଯ୍ୟ କରନ୍ତି , ଭଗବାନ ସେମାନଙ୍କୁ ସାହାଯ୍ୟ କରନ୍ତି ।
3. ଅମରାବତୀ ଆନ୍ଧ୍ରପ୍ରଦେଶର ରାଜଧାନୀ ଅଟେ ।
4. ସକାଳ ହେଲା , ସୂର୍ଯ୍ୟ ଉଇଁଲେ ଏବଂ ପକ୍ଷୀମାନେ ରାବିଲେ ।

56. ଯେକୌଣସି ପ୍ରକାର ବାକ୍ୟର ସମନ୍ୱିତ ରୂପକୁ ଏହା କୁହାଯାଏ -

1. ମିଶ୍ରବାକ୍ୟ
2. ଯୌଗିକ ବାକ୍ୟ
3. ଜଟିଳ ବାକ୍ୟ
4. ସରଳ ବାକ୍ୟ

ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ନଂ **57** ଓ ନଂ **58** ପ୍ରଶ୍ନର ଉତ୍ତର ଚିହ୍ନଟ କର ।

କବି , ଜ୍ଞାନୀ , ଗୁଣୀ , ପଣ୍ଡିତମାନେ ଦେଶ ତଥା ଜାତିର ଗୌରବ । ସେମାନଙ୍କ ଆଦର୍ଶ ସମାଜକୁ ଉପଯୁକ୍ତ ମାର୍ଗ ଦର୍ଶନ କରିଥାଏ । କବିବର ରାଧାନାଥ , ପ୍ୟାରୀମୋହନ ଆଚାର୍ଯ୍ୟ , ସାର ସୁଢ଼ଳ ଦେବଙ୍କ ସ୍ମୃତିକୁ ପାଥେୟ କରିଛନ୍ତି କବି ମଧୁସୂଦନ । କବି ରାଧାନାଥଙ୍କ ଆଦର୍ଶ ମଧୁସୂଦନଙ୍କ ସାହିତ୍ୟିକ ଜୀବନକୁ ମହିମାନ୍ୱିତ କରିଥିଲା । ରାଧାନାଥଙ୍କ ବିୟୋଗ ମଧୁସୂଦନଙ୍କ ପ୍ରାଣକୁ ଗଭୀର ଆଘାତ ଦେଇଥିଲା ।

57. କବି , ଜ୍ଞାନୀ , ଗୁଣୀ ତଥା ପଣ୍ଡିତ ମାନଙ୍କ ଆଦର୍ଶ ଏହାକୁ ମାର୍ଗ ଦର୍ଶନ କରିଥାଏ -

1. ରାଜନୀତି
2. ଆଧ୍ୟାତ୍ମିକତା
3. ସମାଜ
4. ଅର୍ଥନୀତି

58. ଏହି କବିଙ୍କ ଆଦର୍ଶ ମଧୁସୂଦନଙ୍କ ସାହିତ୍ୟିକ ଜୀବନକୁ ମହିମାନ୍ୱିତ କରିଥିଲା-

1. ପ୍ୟାରୀମୋହନ
2. ରାଧାନାଥ
3. ସାର ସୁଢ଼ଳ ଦେବ
4. ଗଙ୍ଗାଧର

ନିମ୍ନ ପଦ୍ୟାଂଶଟିକୁ ପଢ଼ି ନଂ **59** ଓ ନଂ **60** ପ୍ରଶ୍ନର ଉତ୍ତର ଚିହ୍ନଟ କର ।

ସ୍ୱାର୍ଥର ବନିତା ଅଟେ ତୋଷାମଦ
ଭୟ ମିଥ୍ୟା ତାଙ୍କ ପୁତ୍ର
ରାଜ୍ୟରେ ବିପ୍ଳବ ନିଶ୍ଚୟ ଘଟିବ
ଏମାନେ ହେଲେ ଏକତ୍ର ।

59. ଏଠାରେ ଭୟ ଓ ମିଥ୍ୟା କାହାର ପୁତ୍ର ବୋଲି କୁହାଯାଇଛି -

1. ବନିତା
2. ତୋଷାମଦ
3. ପୁତ୍ର
4. ସ୍ୱାର୍ଥ

60. ତୋଷାମଦ , ଭୟ ଓ ମିଥ୍ୟା ଏକତ୍ର ହେଲେ ରାଜ୍ୟରେ ଏହା ଘଟିବ -

1. ବିନାଶ
2. ବିପ୍ଳବ
3. ବିକାଶ
4. ବିଦ୍ୱେଷ

61. Disaster and terrorism can strike at any moment.

Choose the meaning of the word ‘disaster’.

1. A creation resulting from study
2. An event resulting great loss
3. An essential drug
4. A serious thought

62. Choose the word that refers to ‘a number of directors of a company’.

1. Board
2. Play
3. Mob
4. Pretension

63. Choose the word with a prefix.

1. India
2. Independent
3. Interest
4. Inter

64. Choose the word with correct spelling.

1. Futile
2. Tatered
3. Iritation
4. Pashion

65. Choose the homophone of ‘see’.

1. Seen
2. Ice
3. Sea
4. She

66. Nick has no arms to stretch in the morning.
Choose the antonym of ‘stretch’.

1. Open
2. Huddle
3. Length
4. Sweep

67. I will call on you this evening.
Choose the meaning of ‘call on’ in the context.

1. Talk
2. Visit
3. Help
4. Tell

68. He can speak French.
This sentence expresses;

1. an ability
2. an order
3. a habit
4. an interest

69. Kalidasa is ………….. Shakespeare of India.

Choose the article that fits the context.

1. a
2. an
3. the
4. No article is needed.

70. Kumar was afraid ……….. his enemies.

Choose the correct preposition to complete the sentence.

1. by
2. for
3. with
4. of

71. Suresh, who is my elder brother, passed the exam.

This sentence has;

1. A defining relative clause
2. A non-defining relative clause
3. A noun clause
4. An adverbial clause

72. We must keep our promises.

This sentence indicates;

1. a moral obligation
2. a wish
3. an offer
4. a request

73. Choose the sentence with correct question tag.

1. She did not watch the film last night, did she ?
2. She sings melodiously, does she ?
3. He will go to university, will he ?
4. He comes every Friday, does he ?

74. Is it far from here

This sentence ends with;

1. a full stop
2. a question mark
3. a comma
4. an exclamatory mark

75. “She is often like this these days,” Gopi’s sister explained.
The correct reported speech of this sentence is;

1. Gopi’s sister said to Gopi that she was often like this these days.
2. Gopi’s sister asked Gopi if she was often like that those days.
3. Gopi’s sister explained that she was often like that those days.
4. Gopi’s sister said that she had been often like this those days.

76. The mother of these children …………. in a factory.
Choose the correct form of the verb that fits the subject.

1. are working
2. have worked
3. work
4. works

77. It generally ………….. in August.
Choose the correct tense form that fits the blank.

1. rain
2. rains
3. raining
4. rained

78. The children recognized her <u>pensive</u> mood.

The part of speech of the word ‘pensive is;

1. an adjective
2. an adverb
3. a noun
4. a verb

79. Choose the linker that indicates addition.

1. Firstly
2. Besides
3. Later
4. As a result

80. Dr. Kotnis was a doctor and Guo, a nurse.

This sentence has;

1. one main clause only
2. one subordinate clause
3. two subordinate clauses
4. two main clauses

81. Choose the grammatically correct sentence.

1. Indu is hating films.
2. Indu has been hating films.
3. Indu was hating films.
4. Indu hates films.

82. Identify the word that cannot begin with a capital letter.

1. June
2. Monday
3. East
4. India

83. Choose the sentence in passive voice.

1. The boys were fed.
2. They had performed this operation.
3. There was a general start.
4. He has asked for more.

84. Very few countries in the world are ………… India.

Choose the grammatically correct expression that fits the context.

1. the greater
2. greater than
3. as great as
4. the greatest

85. In a personal letter, the main point is written in;

1. the body
2. the post script
3. the closing
4. the heading

86. Choose the list of words in correct alphabetical order.

1. faith, faithfully, faithful, faithless
2. sing, sings, singing, sang
3. with, without, white, whiter
4. dream, dreamed, dreamer, dreaming

87. She is dexterous in painting.

Choose the synonym of 'dexterous'.

1. Famous
2. Skilful
3. Involved
4. Passed

88. Victoria was dressed ………. colours.

Choose the correct preposition that fits the blank.

1. by
2. with
3. in
4. for

89. Read the following passage and choose the correct answer to the question.

People moan about poverty as great evil and it seems to be an accepted belief that if people had plenty of money, they would be happy, and get more out of life.

People believe that;

1. happiness depends upon the amount of money.
2. poverty gives happiness.
3. poverty gives money.
4. poverty is fortune.

90. Read the following passage and choose the correct answer to the question.

People moan about poverty as great evil and it seems to be an accepted belief that if people had plenty of money, they would be happy, and get more out of life.

The popular notion about poverty is;

1. It is a great amount of money.
2. It is a great happiness.
3. It is a great evil.
4. It gives more out of life.

91. ଦ୍ରୌପଦୀଙ୍କୁ ‘ ପାଞ୍ଚାଳୀ’ ବୋଲି କୁହାଯାଇଛି , କାରଣ -

1. ପଞ୍ଚପୁତ୍ରଙ୍କ ମାତା ହୋଇଥିବାରୁ
2. ପାଞ୍ଚ ପତିଙ୍କର ପତ୍ନୀ ଯୋଗୁଁ
3. ପାଞ୍ଚାଳର ରାଜକନ୍ୟା ହୋଇଥିବାରୁ
4. ଯଜ୍ଞକୁଣ୍ଡରୁ ଜାତ ହୋଇଥିବାରୁ

92. ‘ବସୁଧୈବ କୁଟୁମ୍ବକମ୍’ ଭାବନାରେ ଏହି ପ୍ରବନ୍ଧଟି ପରିପୁଷ୍ଟ -

1. ଜାତୀୟ ଜୀବନ
2. ଜନ୍ମଭୂମି
3. ପ୍ରକୃତ ବନ୍ଧୁ
4. ସମୂହ ଦୃଷ୍ଟି

93. ‘ପଦ୍ମ’ କବିତାଟିରେ ସୌନ୍ଦର୍ଯ୍ୟବୋଧ ସହିତ ଏହା ବି ସମ୍ମିଶ୍ରିତ ହୋଇରହିଛି -

1. ଜୀବନବାଦ
2. ଈଶ୍ୱର ଭକ୍ତି
3. ରହସ୍ୟବାଦୀ ଚିନ୍ତାଧାରା
4. ଈଶ୍ୱରାନୁଭୂତି

94. ‘ଶିକ୍ଷା ଓ ଶାସନ’ , ଏହି ଧରଣର ପ୍ରବନ୍ଧ -

1. ଚିନ୍ତାମୂଳକ
2. ରାଜନୈତିକ
3. ସାମାଜିକ
4. ସାଂସ୍କୃତିକ

95. ଏମାନଙ୍କ ମଧ୍ୟରେ ହୋଇଥିବା କଥୋପକଥନ ବିଷୟରେ ‘ଜଳ’ କବିତାରେ ବର୍ଣ୍ଣନା କରାଯାଇଛି -

1. ଜଳ ଓ ଅଗ୍ନି
2. କବି ଓ ଶ୍ରୋତା
3. ଚୈତନ୍ୟ ଓ ମନ
4. ମୁନି ଓ ରାଜା

96. “ ଲୁଣ ହେଉଛି ରାଷ୍ଟ୍ରର ଆତ୍ମସମ୍ମାନର ପ୍ରତୀକ । କେହି ଜବରଦସ୍ତି ହାତକୁ ମୋଡ଼ି ତାହା ଛଡ଼େଇ ନ ନେବା ଯାଏ ସେ ଲୁଣ କାହାରିକୁ ଦିଆଯିବ ନାହିଁ ।” – ମହାତ୍ମା ଗାନ୍ଧିଙ୍କ ଏହି କଥା ପ୍ରକାଶ ପାଇଥିବା ପତ୍ରିକା -

1. ବେଙ୍ଗଲ୍ ଗେଜେଟ୍
2. ୟଙ୍ଗ୍ ଇଣ୍ଡିଆ
3. ଇଣ୍ଡିଆନ୍ ଏକ୍ସପ୍ରେସ୍
4. ଟାଇମସ୍ ଆଫ୍ ଇଣ୍ଡିଆ

97. “ କାପୁରୁଷ ମୃତ୍ୟୁ ପୂର୍ବରୁ ସହସ୍ରବାର ମୃତ୍ୟୁବରଣ କରିଥାଏ” ।ଏହି ଉକ୍ତିଟି କହିଛନ୍ତି -

1. ଆଲେକ୍‌ଜାଣ୍ଡର୍

2. ସେଲ୍ୟୁକାସ୍

3. ସେନାପତି

4. ପୁରୁରାଜା

98. ଜାତି , ଧର୍ମ , ବର୍ଣ୍ଣ , ବୟସ ନିର୍ବିଶେଷରେ ଶିକ୍ଷାକୁ ସାର୍ବଜନୀନ କରିବାପାଇଁ ନାଟ୍ୟକାର ଡ଼. ନାରାୟଣ ସାହୁ ଏହି ଏକାଙ୍କିକାରେ ଚେଷ୍ଟା କରିଛନ୍ତି -

1. ଦରଜା ଖୋଲିଦେବା

2. ଆମେ ଧରଣୀ ବୁକୁର ଶିଶୁ

3. ନ୍ୟାୟ ବୋଚାର

4. ଆହୁତି

99. ବାକ୍ୟରେ କ୍ରିୟା ସକର୍ମକ ହୋଇଥିଲେ କର୍ମ ପଦଟି ଏଇଠି ରହେ

1. କ୍ରିୟାପରେ

2. ବାକ୍ୟର ଆରମ୍ଭରେ

3. କ୍ରିୟା ପୂର୍ବରୁ

4. ବାକ୍ୟ ଶେଷରେ

100. ସ୍ୱାମୀ ଓ ସ୍ତ୍ରୀ ଦୁଇଜଣଯାକ ଆଜି ଆସିବେ । ଏହାକୁ ସଂକ୍ଷେପରେ ଲେଖିଲେ -

1. ସ୍ୱାମୀ ଓ ସ୍ତ୍ରୀ ଆଜି ଆସିବେ

2. ଦମ୍ପତ୍ତି ଆଜି ଆସିବେ

3. ଦୁଇଜଣ ସ୍ୱାମୀ ଓ ସ୍ତ୍ରୀ ଆଜି ଆସିବେ

4. ପିଲାଙ୍କ ପିତାମାତା ଆଜି ଆସିବେ

101. ନିମ୍ନୋକ୍ତ ମଧ୍ୟରୁ ଶୁଦ୍ଧ ଶବ୍ଦଟି -

1. ପୂଜ୍ୟାଷ୍ପଦ
2. ପୂଜ୍ୟାସ୍ପଦ
3. ପୂଜାଷ୍ପଦ
4. ପୂଜାସ୍ପଦ

102. ଭାବ ଅର୍ଥରେ 'ଅ' ପ୍ରତ୍ୟୟଯୁକ୍ତ ପଦଟି ଚିହ୍ନଟ କର -

1. ଶୈଶବ
2. ଶୈବ
3. ରାଘବ
4. ମାଘ

103. 'ଉତ୍କଳ ବ୍ୟାସ' ନାମରେ ପରିଚିତ କବି -

1. ଫକୀର ମୋହନ ସେନାପତି
2. ମଧୁସୂଦନ ଦାସ
3. ସାରଳା ଦାସ
4. ବତ୍ସା ଦାସ

104. ଉପେନ୍ଦ୍ର ଭଞ୍ଜଙ୍କ 'କ' ଆଦ୍ୟ ଓ ପ୍ରାନ୍ତ ନିୟମରେ ରଚିତ କାବ୍ୟଟି -

1. ଅବନା ରସ ତରଙ୍ଗ
2. କଳ କଉତୁକ
3. ଲାବଣ୍ୟବତୀ
4. ସୁଭଦ୍ରା ପରିଣୟ

105. ଅଭିମନ୍ୟୁ ସାମନ୍ତ ସିଂହାର ଏହି ଯୁଗର କବି -

1. ସବୁଜ ଯୁଗ
2. ପଞ୍ଚସଖା ଯୁଗ
3. ପ୍ରଗତି ଯୁଗ
4. ରୀତିଯୁଗ

106. ରାଧାମୋହନ ଗଡ଼ନାୟକଙ୍କ " ସୂର୍ଯ୍ୟ ଓ ଅନ୍ଧକାର " କବିତା ସଂକଳନ ପାଇଁ ଏହି ପୁରସ୍କାର ଲାଭ କରିଛନ୍ତି -

1. ଓଡ଼ିଶା ସାହିତ୍ୟ ଏକାଡ଼େମୀ
2. କେନ୍ଦ୍ର ସାହିତ୍ୟ ଏକାଡ଼େମୀ
3. ଜ୍ଞାନପୀଠ ପୁରସ୍କାର
4. ସାରଳା ପୁରସ୍କାର

107. ' ଜ୍ଞାନପୀଠ ' ପୁରସ୍କାର ପ୍ରାପ୍ତ ପ୍ରଥମ ଓଡ଼ିଆ ସାହିତ୍ୟିକ -

1. ସଚ୍ଚିଦାନନ୍ଦ ରାଉତରାୟ
2. ସୀତାକାନ୍ତ ମହାପାତ୍ର
3. ଗୋପୀନାଥ ମହାନ୍ତି
4. ସୁରେନ୍ଦ୍ର ମହାନ୍ତି

108. ଏହା ଓଡ଼ିଆ ଭାଷାର ' କଳା କୋଣାର୍କ ' ଭାବେ ପରିଚିତ -

1. ଓଡ଼ିଆ ଭାଷାକୋଷ
2. ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ
3. ଓଡ଼ିଆ ଶବ୍ଦତତ୍ତ୍ୱବୋଧ ଅଭିଧାନ
4. ବର୍ଣ୍ଣବୋଧ

109. " ମନବୋଧ ଚଉତିଶା " ଓ " ମଥୁରା ମଙ୍ଗଳ " ର ପ୍ରଣେତା -

1. ମାର୍କଣ୍ଡ ଦାସ
2. ଅରକ୍ଷିତ ଦାସ
3. ବସ୍ତା ଦାସ
4. ଭକ୍ତ ଚରଣ ଦାସ

110. ' ନୀଳ ମାଷ୍ଟ୍ରାଣୀ ' ଗଳ୍ପର ଗାଳ୍ପିକ -

1. ଗୋଦାବରୀଶ ମହାପାତ୍ର
2. ଗୋଦାବରୀଶ ମିଶ୍ର
3. ସତ୍ୟନାରାୟଣ ରାଜଗୁରୁ
4. ବନମାଳୀ ଦାସ

111. ଓଡ଼ିଆ ସାହିତ୍ୟର ଆଦ୍ୟ 'ଚତୁର୍ଦ୍ଦଶ ପଦୀ' କବିତାର ରଚୟିତା -

1. ରାଧାନାଥ ରାୟ
2. ନୀଳକଣ୍ଠ ଦାସ
3. ମଧୁସୂଦନ ରାଓ
4. ବଳଦେବ ରଥ

112. ବଳରାମ ଦାସଙ୍କ " ଜଗମୋହନ ରାମାୟଣ"ର ଏହି କାଣ୍ଡରେ ମନ୍ଥରାର ପୂର୍ବଜନ୍ମ ପ୍ରସଙ୍ଗ ବର୍ଣ୍ଣିତ -

1. ସୁନ୍ଦରାକାଣ୍ଡ
2. ଅଯୋଧ୍ୟା କାଣ୍ଡ
3. ଲଙ୍କାକାଣ୍ଡ
4. କିସ୍କିନ୍ଧ୍ୟାକାଣ୍ଡ

113. ଏହା ଓଡ଼ିଆ ଚଉତିଶା ସାହିତ୍ୟର ପ୍ରଥମ ନିଦର୍ଶନ

1. କଳସା ଚଉତିଶା
2. ରସକୂଲ୍ୟା ଚଉତିଶା
3. ସୁମୁଖୀ ଚଉତିଶା
4. ବର୍ଷାଭାବନା ଚଉତିଶା

114. ଓଡ଼ିଆ ସାହିତ୍ୟର ପ୍ରଥମ ଚମ୍ପୂକାବ୍ୟ -

1. ରତ୍ନାକର ଚମ୍ପୂ
2. ସଜ୍ଜନାନନ୍ଦ ଚମ୍ପୂ
3. କୋଶୋର ଚନ୍ଦ୍ରାନନ୍ଦ ଚମ୍ପୂ
4. ରାମଚମ୍ପୂ

115. ମହାପୁରାଣର ମୋଟ ସଂଖ୍ୟା -

1. ଷୋହଳ
2. କୋଡ଼ିଏ
3. ବାଇଶି
4. ଅଠର

116. ଏହା ଏକ ମହାକାବ୍ୟ

1. ମହାଯାତ୍ରା
2. ଦାଣ୍ଡୀ ରାମାୟଣ
3. ତପସ୍ୱିନୀ
4. ବୈଦେହୀଶ ବିଳାସ

117. ଭାଷା ଓ ଭାବର ସ୍ୱତଃସ୍ଫୂର୍ତ୍ତ ଆତ୍ମ ପ୍ରକାଶ ହିଁ -

1. ପ୍ରବନ୍ଧ
2. ଉପନ୍ୟାସ
3. କବିତା
4. ନାଟକ

118. ଏହା ଏକ ଐତିହାସିକ ଉପନ୍ୟାସ -

1. ନୀଳଶୈଳ
2. ଯନ୍ତ୍ରାରୂଢ଼
3. ଅନ୍ଧ ଦିଗନ୍ତ
4. ଅମାବାସ୍ୟାର ଚନ୍ଦ୍ର

119. ଯେକୌଣସି ବିଷୟରେ ଗଦ୍ୟରେ ଓ ସଂକ୍ଷେପରେ ରଚିତ ସାହିତ୍ୟକୁ ଏହା କୁହାଯାଏ -

1. ନାଟକ
2. ଉପନ୍ୟାସ
3. ପ୍ରବନ୍ଧ
4. ଏକାଙ୍କିକା

120. ମହନୀୟ ବ୍ୟକ୍ତିଙ୍କ ଜୀବନ ବା ନିଜ ଜୀବନର କଳାତ୍ମକ ପ୍ରକାଶକୁ ଏହା କୁହାଯାଏ -

1. ସାମାଜିକ ସାହିତ୍ୟ
2. ଜୀବନୀ ସାହିତ୍ୟ
3. କାବ୍ୟ ସାହିତ୍ୟ
4. ପୁରାଣ ସାହିତ୍ୟ

121. ମଣିଷର ମୁଖ ନିଃସୃତ ନିୟମବଦ୍ଧ ଧ୍ୱନିମାନଙ୍କର ସମାହାରକୁ ଏହା କୁହାଯାଏ-

1. ବର୍ଣ୍ଣମାଳା
2. ଭାଷା
3. ବ୍ୟାକରଣ
4. ଲିପି

122. ପାଲି , ପ୍ରାକୃତ ଓ ଅପଭ୍ରଂଶ ଭାଷା ଏହି ଭାଷାରୁ ବିବର୍ତ୍ତନ ଘଟିଛି -

1. ଲୌକିକ ସଂସ୍କୃତ
2. ପ୍ରାକୃତ ସଂସ୍କୃତ
3. ସଂସ୍କୃତ
4. ପାଲି ସଂସ୍କୃତ

123. ଏହି ଅପଭ୍ରଂଶ ଭାଷାରୁ ଓଡ଼ିଆ ଭାଷା ଜନ୍ମଲାଭ କରିଛି -

1. ପୂର୍ବ ମାଗଧୀ
2. ଦକ୍ଷିଣ ମାଗଧୀ
3. ପଶ୍ଚିମ ମାଗଧୀ
4. ଉତ୍ତର ମାଗଧୀ

124. ଓଡ଼ିଆ ଭାଷାର ପ୍ରାଚୀନତମ ନମୁନା ଏଥିରେ ଦେଖିବାକୁ ମିଳେ -

1. ମାଦଳା ପାଞ୍ଜି
2. ଚର୍ଯ୍ୟା ଗୀତିକା
3. ଚିଟାଉ
4. ଓଷାବ୍ରତ

125. ଏହି ଶିଳାଲେଖରେ ତେଲୁଗୁ ଓ ଓଡ଼ିଆ ଭାଷାର ଅନେକ ଶବ୍ଦ ଦେଖିବାକୁ ମିଳେ -

1. ଉରଜାମ୍
2. ସିଦ୍ଧେଶ୍ୱର
3. ଜୟବିଜୟ
4. ହାତୀଗୁମ୍ଫା

126. ଭାଷାର ଉତ୍ପତ୍ତି , ବିକାଶ , ପ୍ରୟୋଗ ପ୍ରଭୃତି ସମ୍ପର୍କରେ ତାତ୍ତ୍ୱିକ ଅଧ୍ୟୟନ ଏଥିରେ କରାଯାଏ

1. ବ୍ୟାକରଣ
2. ଓଡ଼ିଆ ସାହିତ୍ୟ
3. ଭାଷା ବିଜ୍ଞାନ
4. ଧ୍ୱନି ବିଜ୍ଞାନ

127. ଭାଷାବିଜ୍ଞାନର ବିଭାବକୁ ମୁଖ୍ୟତଃ ନିମ୍ନୋକ୍ତ ଭାଗରେ ବିଭକ୍ତ କରିଛନ୍ତି

1. ତିନି
2. ଦୁଇ
3. ଚାରି
4. ପାଞ୍ଚ

128. ଏହି ବୈୟାକରଣ ସର୍ବପ୍ରଥମେ ଭାଷା ବିଜ୍ଞାନର ସର୍ବାଙ୍ଗୀନ ବ୍ୟାଖ୍ୟା କରିଥିଲେ -

1. କାତ୍ୟାୟନ
2. ପତଞ୍ଜଳି
3. ପାଣିନି
4. ପଣ୍ଡିତ ଗୋପୀନାଥ ଶର୍ମା

129. ଚ , ଛ , ଜ ,ଝ , ଞ – ଧ୍ୱନିଗୁଡ଼ିକ ଏହି ସ୍ଥାନରୁ ଉଚ୍ଚାରିତ ହୋଇଥାଏ -

1. ବର୍ତ୍ସ
2. ଦନ୍ତ
3. କୋମଳତାଲୁ
4. ଘଣ୍ଟିକା

130. ଏହା ଏକ ଉତ୍କ୍ଷିପ୍ତ ଧ୍ୱନି -

1. ଓ୍
2. ଣ୍
3. ଡ଼୍
4. ବ୍

131. କୌଣସି ସାରସ୍ୱତ ସୃଷ୍ଟିର ଦୋଷଗୁଣ ବିଶ୍ଳେଷଣ କରିବା ଓ ମୂଲ୍ୟ ନିର୍ଦ୍ଧାରଣ କରିବା କଳାକୁ ଏହା କୁହାଯାଏ -

1. ସାହିତ୍ୟ କୌଶଳ
2. ସମାଲୋଚନା
3. ସାରସ୍ୱତ କୌଶଳ
4. ସାହିତ୍ୟିକ ମୂଲ୍ୟବୋଧ

132. ଏହି ପତ୍ରିକାରେ ଭଞ୍ଜ ସାହିତ୍ୟ ସମ୍ପର୍କରେ ଅନୁକୂଳ ସମାଲୋଚନା ହୋଇଥିଲା -

1. ବିଜୁଳି
2. ଉତ୍କଳ ସାହିତ୍ୟ
3. ଝଙ୍କାର
4. ଇନ୍ଦ୍ରଧନୁ

133. ସାରଳା ମହାଭାରତ ସମ୍ବନ୍ଧୀୟ ପାଣ୍ଡିତ୍ୟ ପୂର୍ଣ୍ଣ ଆଲୋଚନା କରାଯାଇଥିବା ଗ୍ରନ୍ଥ

1. ସିଦ୍ଧାନ୍ତ ଦର୍ପଣ
2. ଶ୍ରୀଭାରତ ଦର୍ପଣ
3. ଉତ୍କଳ ଦର୍ପଣ
4. ସାହିତ୍ୟ ଦର୍ପଣ

134. ଓଡ଼ିଆ ଭାଷାର ପ୍ରଥମ ସାପ୍ତାହିକ ସମ୍ବାଦପତ୍ର -

1. ଉତ୍କଳ ମଧୁପ
2. ନବ ସମ୍ବାଦ
3. ଉତ୍କଳ ଦୀପିକା
4. ଶିକ୍ଷା ବନ୍ଧୁ

135. " ବଳିର ପୁତ୍ର ବାଣାସୁର । ଦୁର୍ଜ୍ଜୟ ଦୁଷ୍ଟ ଦୁରାଚାର ।
ତାର ସହସ୍ର ଭୁଜବଳେ । ଦୁର୍ଜ୍ଜୟ ଏ ମହୀମଣ୍ଡଳେ । -
ପଦ୍ୟାଂଶ ଟିରେ ଏହାର ଦୁରାଚାର ସମ୍ପର୍କରେ ବର୍ଣ୍ଣିତ -

1. ବକାସୁର
2. ତାଡ଼କାସୁର
3. ମହିଷାସୁର
4. ବାଣାସୁର

136. " ଭାଷିଣ ସତ୍ୟପ୍ରିୟବାଣୀ , ତୋଷିବ ନିତ୍ୟ ସର୍ବ ପ୍ରାଣୀ ।"-
ଏଠାରେ ପ୍ରାଣୀମାନଙ୍କୁ ତୋଷିବାପାଇଁ ଏହା କରିବା ଉଚିତ ବୋଲି
କୁହାଯାଇଛି -

1. ମିଥ୍ୟାବାଣୀ କହିବା
2. ସତ୍ୟବାଣୀ କହିବା
3. ମିଷ୍ଟବାଣୀ କହିବା
4. କପଟବାଣୀ କହିବା

137. "ଗୀତିନାଟ୍ୟର ବିଶେଷତ୍ୱ ହେଲା , ଅଳ୍ପ ସଂଳାପ ଓ ଅଧିକ ଗୀତ
ସମନ୍ୱୟରେ ନାଟକର ପ୍ରସ୍ତୁତି । ଓଡ଼ିଆ ଗୀତିନାଟ୍ୟ ପ୍ରଣେତାମାନଙ୍କ
ମଧ୍ୟରେ ବୈଷ୍ଣବ ପାଣି ଓ ଗୋପାଳ ଛୋଟରାୟ ପ୍ରସିଦ୍ଧ ।"
ଗଦ୍ୟାଂଶଟିରେ ବର୍ଣ୍ଣନା କରାଯାଇଥିବା ସାହିତ୍ୟ ରୂପ -

1. ନାଟକ
2. ଏକାଙ୍କିକା
3. ଗୀତିନାଟ୍ୟ
4. ପ୍ରବନ୍ଧ

138. "ଛନ୍ଦ ରହିତ ରଚନାର ନାମ ଗଦ୍ୟ । ଓଡ଼ିଆ ଭାଷାରେ ସାଧାରଣତଃ ଚାରିପ୍ରକାର ଗଦ୍ୟ ରଚନା ଦେଖାଯାଏ , ଯଥା – ମୁକ୍ତକ , ବୃତ୍ତଗନ୍ଧି , ଉତ୍କଳିକାପ୍ରାୟ ଓ ଚୂର୍ଣ୍ଣକ ।"
ଗଦ୍ୟାଂଶ ଅନୁସାରେ ଏ ପ୍ରକାର ରଚନାକୁ ଗଦ୍ୟ କୁହାଯାଏ

1. ଛନ୍ଦଯୁକ୍ତ
2. ଛନ୍ଦୋବଦ୍ଧ
3. ଛନ୍ଦ ସହିତ
4. ଛନ୍ଦ ରହିତ

139. ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏହି ଭାଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ -

1. ଆଞ୍ଚଳିକ ଭାଷା
2. ମାତୃଭାଷା
3. ବିଦେଶୀ ଭାଷା
4. ପ୍ରଶାସନିକ ଭାଷା

140. " ଭାଷା" ଏହାର ସଂରକ୍ଷକ -

1. ନ୍ୟାୟ
2. ଅନ୍ଧବିଶ୍ୱାସ
3. ସଂସ୍କୃତି
4. ଭ୍ରଷ୍ଟାଚାର

141. ସ୍ୱକୀୟ ସଂସ୍କୃତି , ଐତିହ୍ୟ ସାମାଜିକ ମୂଲ୍ୟବୋଧ ସମ୍ବନ୍ଧରେ ଜ୍ଞାନଲାଭ କରିବା ଓଡ଼ିଆ ଭାଷା ଶିକ୍ଷଣର ଏହି ଉଦ୍ଦେଶ୍ୟ ପୂରଣ କରିଥାଏ -

1. ଭାବାତ୍ମକ ଉଦ୍ଦେଶ୍ୟ
2. କୌଶଳାତ୍ମକ ଉଦ୍ଦେଶ୍ୟ
3. ସାଧାରଣ ଉଦ୍ଦେଶ୍ୟ
4. ଜ୍ଞାନାତ୍ମକ ଉଦ୍ଦେଶ୍ୟ

142. ଶ୍ରବଣ , କଥନ , ପଠନ ଓ ଲିଖନ ହେଉଛି ଭାଷାର ଚାରିଗୋଟି -

1. ଉଦ୍ଦେଶ୍ୟ
2. ଦକ୍ଷତା
3. ଲକ୍ଷ୍ୟ
4. ଜ୍ଞାନ

143. ବନାନ ଅଶୁଦ୍ଧିର ଏହାଏକ ମୁଖ୍ୟ କାରଣ -

1. ପୂର୍ଣ୍ଣଲିପି ଜ୍ଞାନ
2. ଶୁଦ୍ଧ ଉଚ୍ଚାରଣ
3. ଅଶୁଦ୍ଧ ଉଚ୍ଚାରଣ
4. ଲିଖନ ଅଭ୍ୟାସ

144. ଆଇଲା ମାଳୀ ମାଇଲା ତାଳି ,
ଧରିପକାଇଲା ଖେଚେଡ଼ି ଥାଳୀ !
ଏହି ତ୍ରୁଟି ନିରାକରଣ ପାଇଁ ଏ ଭଳି ଗୀତାଂଶ ଆବୃତ୍ତି କରାଯାଏ -

1. ବନାନ
2. ଉଚ୍ଚାରଣ
3. ଲିଖନ
4. ସ୍ମୃତି

145. ଶିକ୍ଷଣ ପ୍ରକ୍ରିୟାର ତିନୋଟି ଉପାଦାନ ମଧ୍ୟରୁ ଏହା ଅନ୍ୟତମ -

1. ଶ୍ରେଣୀ ପ୍ରକୋଷ୍ଠ
2. କଳାପଟା
3. ସମୟ ନିର୍ଘଣ୍ଟ
4. ଶିକ୍ଷକ

146. ଏହା ଏକ ପାରମ୍ପରିକ ଶିକ୍ଷାଦାନ ପଦ୍ଧତି

1. କ୍ରୀଡ଼ା ପଦ୍ଧତି
2. ଅନୁଶିକ୍ଷଣ ପଦ୍ଧତି
3. ଧନ୍ଦାଭିତ୍ତିକ ପଦ୍ଧତି
4. ପ୍ରକଳ୍ପ ପଦ୍ଧତି

147. 'ଜେ . ଏଫ୍ . ହାର୍ବଟ୍ ', ଶିକ୍ଷାଦାନ କ୍ଷେତ୍ରରେ ଏହି ପଦ୍ଧତିର ଅବତାରଣ କରିଛନ୍ତି -

1. ସୋପାନ ପଦ୍ଧତି
2. କ୍ରୀଡ଼ା ପଦ୍ଧତି
3. ପ୍ରକଳ୍ପ ପଦ୍ଧତି
4. ବକ୍ତୃତା ପଦ୍ଧତି

148. ଆବୃତ୍ତି ପ୍ରଣାଳୀ ଏହି ଶିକ୍ଷାଦାନପାଇଁ ଅବଲମ୍ବନ କରାଯାଏ-

1. ଗଦ୍ୟ
2. ରଚନା
3. କବିତା
4. ବ୍ୟାକରଣ

149. ଏହି ସୋପାନରେ ଉଦ୍ଦେଶ୍ୟ ଜ୍ଞାପନ କରାଯାଏ -

1. ଉପସ୍ଥାପନା
2. ଉପକ୍ରମ
3. ପ୍ରୟୋଗ
4. ମୂଲ୍ୟାୟନ

150. ଏକ ଶିକ୍ଷାବର୍ଷରେ କରାଯାଉଥିବା ଗଠନାତ୍ମକ ଆକଳନ ସଂଖ୍ୟା -

1. ଛଅ
2. ପାଞ୍ଚ
3. ଚାରି
4. ସାତ